# REGIONAL NEWS UNIT, AIR CUTTACK

## Mid-day Bulletin (4.00PM)

**14 May - 2024**

**News Editor : Tapan Kumar Maharana**

**********************************

## <u>ମୁଖ୍ୟ ସମ୍ବାଦ</u>

- ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲର ଆଜି ହେଉଛି ଶେଷଦିନ
- ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଆସନ୍ତାକାଲି କଟକରେ  ରୋଡ୍ ଶୋ'ରେ ଯୋଗଦେବେ ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ
- ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ବିଭିନ୍ନ ନିର୍ବାଚନମଣ୍ଡଳୀ ପାଇଁ ଆରମ୍ଭ ହେଲା ଘରୁ ମତଦାନ ପ୍ରକ୍ରିୟା

ଏବଂ

- ବୈଶାଖ ଶୁକ୍ଳ ଅଷ୍ଟମୀ ତିଥିରେ ଶ୍ରୀମନ୍ଦିରରେ ଆସନ୍ତାକାଲି ଅନୁଷ୍ଠିତ ହେବ ଶ୍ରୀଜୀଉଙ୍କ ନିଳାଦ୍ରୀ ମହୋଦୟ ନୀତି

## ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା

ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ହେଉଛି ପ୍ରାର୍ଥିପତ୍ର ଦାଖଲର ଶେଷଦିନ। ଏହି ପର୍ଯ୍ୟାୟରେ ୬ଟି ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଜୁନ୍ ପହିଲାରେ ମତଦାନ ହେବ।

୬ଟି ଯାକ ଲୋକସଭା ଆସନ ହେଉଛି- ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର। ଆସନ୍ତାକାଲି ନାମାଙ୍କନପତ୍ରଗୁଡ଼ିକର ଯାଞ୍ଚ କରାଯିବ ଏବଂ ଶୁକ୍ରବାର ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ।

## ଅମିତ୍ ଶାହ

ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଆସନ୍ତାକାଲି କଟକ ଗସ୍ତରେ ଆସୁଛନ୍ତି। କଟକ ଲୋକସଭା ଓ ବିଧାନସଭା ପ୍ରାର୍ଥୀମାନଙ୍କ ପାଇଁ ଶ୍ରୀ ଶାହ ପ୍ରଚାର କରିବେ। ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀ ଶାହଙ୍କ ରୋଡ୍ ଶୋ' ବକ୍ସିବଜାର ସମାଜ କାର୍ଯ୍ୟାଳୟ ସମ୍ମୁଖରୁ ଅପରାହ୍ଣ ୪ଟାରେ ଆରମ୍ଭ ହେବ। ଏହି ରୋଡ୍ ଶୋ' ତିନିକୋଣିଆ ବଗିଚା, ଦରଘା ବଜାର, ଚୌଧୁରୀ ବଜାର ଓ ବାଲୁବଜାର ଦେଇ ଚାନ୍ଦିନିଚୌକ ପର୍ଯ୍ୟନ୍ତ ଯିବ। ଶ୍ରୀ ଶାହଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ରୋଡ୍ ଶୋ' ଯିବାକୁ ଥିବା ରାସ୍ତାରେ ଯାଞ୍ଚ ଚାଲିଛି। ଓଡ଼ିଶା ପୁଲିସ୍, ସିଆରପିଏଫ୍ ଓ କେନ୍ଦ୍ରୀୟ ବାହିନୀଙ୍କ ତରଫରୁ ଆଜି ଏହି ସ୍ଥାନରେ ମକ୍‌ଡ୍ରିଲ୍ ମଧ୍ୟ କରାଯାଇଛି।

# ନିର୍ବାଚନ-କଟକ

ରାଜ୍ୟର ତୃତୀୟ ପର୍ଯ୍ୟାୟ ମତଦାନରେ ଆସନ୍ତା ୨୯ ତାରିଖ ଦିନ କଟକ ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୬ଟି ବିଧାନସଭା ଆସନ ପାଇଁ ମତଗ୍ରହଣ କରାଯିବ। ଅନ୍ୟ ୩ଟି ବିଧାନସଭା ଆସନ ସାଲେପୁର, ମାହାଙ୍ଗା ଓ ନିଆଳୀର ମତଗ୍ରହଣ ଚତୁର୍ଥ ପର୍ଯ୍ୟାୟ ଜୁନ୍ ପହିଲାରେ ଅନୁଷ୍ଠିତ ହେବ। ଏହି ନିର୍ବାଚନ ସ୍ଥିତି ନେଇ ଆମ କଟକ ସମ୍ବାଦଦାତା **କାଳୀପ୍ରସନ୍ନ ଶତପଥୀ**ଙ୍କ ରିପୋର୍ଟ....

**- V/O –**

# ନିର୍ବାଚନ

କଟକ ଜିଲ୍ଲା ମାହାଙ୍ଗା ଓ ସାଲେପୁର ନିର୍ବାଚନମଣ୍ଡଳୀ ପାଇଁ ଆଜି ମଧ୍ୟ ପ୍ରାର୍ଥିପତ୍ର ଦାଖଲ ହୋଇଛି। ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ପୁଅ ଅଙ୍କିତ ପ୍ରତାପ ଜେନା ବିଜେଡ଼ିରୁ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି, ସ୍ୱାଧୀନ ପ୍ରାର୍ଥୀ ଭାବେ ଜୟନ୍ତ ଦାସ ନିଜର ନାମାଙ୍କନପତ୍ର ଦାଖଲ କରିଥିବାବେଳେ ସମାଜବାଦୀ ପାର୍ଟିର ପ୍ରାର୍ଥୀ ସାରଳାପୁତ୍ର ଶ୍ରୀରାମ ବିନୋଦ ଷଡଙ୍ଗୀ ମାହାଙ୍ଗା ବିଧାନସଭା ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି।

# ସଡକ ଦୁର୍ଘଟଣା

**ନୂଆପଡା** ଜିଲ୍ଲା ତରବୋର୍ଡ ଗ୍ରାମ ନିକଟସ୍ଥ ଫଣ୍ଡେଲନଳା ପାଖରେ ଏକ ସଡକ ଦୁର୍ଘଟଣାରେ ଜଣେ ପ୍ରିଜାଇଡିଂ ଅଧିକାରୀଙ୍କର ମୃତ୍ୟୁ ହୋଇଛି।

ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀର ରାନୀମୁଣ୍ଡା ଗ୍ରାମ ୧୮୪ ନମ୍ବର ବୁଥ୍‌ରେ ସେ ନିର୍ବାଚନ ଦାୟିତ୍ୱରେ ଥିଲେ। ମତଗ୍ରହଣ ପରେ ଜିଲ୍ଲା କଣ୍ଟ୍ରୋଲ ରୁମ୍‌ରୁ ନିର୍ବାଚନ ସମାଗ୍ରୀ ଧରି ମଟର ସାଇକେଲ୍‌ରରେ ଫେରୁଥିବାବେଳେ ଏକ କାର୍ ସହ ତାଙ୍କର ଧକ୍‌କା ହୋଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।

**ମାଲକାନଗିରି** ଜିଲ୍ଲା ଡଙ୍ଗଗୁଡା ନିକଟରେ ଏକ ସଡକ ଦୁର୍ଘଟଣାରେ ଜଣେ ପୁଲିଂ ଅଧିକାରୀଙ୍କର ମୃତ୍ୟୁ ହୋଇଛି। ନିର୍ବାଚନ କାର୍ଯ୍ୟ ସାରି ନିଜ ବାଇକ୍‌ରେ ଫେରୁଥିବାବେଳେ ଏକ ବସ୍ ସହିତ ଧକ୍‌କା ହୋଇଥିଲା। ମାଲକାନଗିରି ନିର୍ବାଚନମଣ୍ଡଳୀର ୧୨୨ ନମ୍ବର ବୁଥ୍‌ରେ ସେ ପ୍ରିଜାଇଡିଂ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## ଶିବଶଙ୍କର ଦାସ ଗିରଫ

ବ୍ରହ୍ମପୁର ଲୋକସଭା ଆସନ ପାଇଁ ବିଜେପିର ଦଳୀୟ ପ୍ରାର୍ଥୀ ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ଆକ୍ରମଣ ମାମଲାରେ ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ ଶିବଶଙ୍କର ଦାସଙ୍କୁ ପୁଲିସ୍ ଗିରଫ କରିଛି। ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ନିର୍ବାଚନ-ଗଞ୍ଜାମ

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ **ଗଞ୍ଜାମ** ଜିଲ୍ଲାର ଆସିକା ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ। ୮୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ନିମନ୍ତେ ଆଜି ଏବଂ ଆସନ୍ତାକାଲି ଘରୁ ମତଦାନ ବ୍ୟବସ୍ଥା ଆରମ୍ଭ ହୋଇଛି। ପୁଲିଂ ଅଧିକାରୀମାନେ ଘରକୁ ଘର ଯାଇ ସେମାନଙ୍କଠାରୁ ମତ ଗ୍ରହଣ କରିବେ। ଏଥିନିମନ୍ତେ ୧୮ଟି ଦଳ ନିଯୁକ୍ତ ହୋଇଛନ୍ତି। ପୋଲସରା, କବିସୂର୍ଯ୍ୟନଗର, ଖଲିକୋଟ, ହିଞ୍ଜିଳି ଓ ସାନଖେମୁଣ୍ଡି ବିଧାନସଭା ମଣ୍ଡଳୀର ପୂର୍ବରୁ ଆବେଦନ କରିଥିବା ଭୋଟରଙ୍କ ପାଇଁ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିଭଳି ଭଞ୍ଜନଗର, ଆସିକା ଓ ସୋରଡା ବିଧାନସଭା ମଣ୍ଡଳୀରେ ଆସନ୍ତାକାଲି ଏବଂ ଗୁରୁବାର ଦିନ ଘରୁ ମତ ଗ୍ରହଣ କରାଯିବ।

ସେହିଭଳି ଏହି ନିର୍ବାଚନରେ ନିୟୋଜିତ ଥିବା କର୍ମଚାରୀଙ୍କ ପାଇଁ ପୋଷ୍ଟାଲ ଭୋଟିଂ ବ୍ୟବସ୍ଥା ମଧ୍ୟ ଆଜିଠାରୁ ଆରମ୍ଭ ହୋଇଛି। ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ।

## ଘରୁ ମତଦାନ ବ୍ୟବସ୍ଥା

ଢେଙ୍କାନାଳ ଜିଲ୍ଲାରେ ଆଜିଠାରୁ ଘରୁ ମତଦାନ ବ୍ୟବସ୍ଥା ଆରମ୍ଭ ହୋଇଛି। ପୁଲିଂ ଅଧିକାରୀମାନେ ଏଥିପାଇଁ ଆଗରୁ ଆବେଦନ କରିଥିବା ବୟୋବୃଦ୍ଧ ନାଗରିକ ଏବଂ ଦିବ୍ୟାଙ୍ଗଙ୍କ ଘରକୁ ଯାଇ ମତ ଗ୍ରହଣ କରୁଛନ୍ତି। ଜିଲ୍ଲାରେ ୨୨୭ ଜଣ ଘରୁ ମତଦାନ ପାଇଁ ଆବେଦନ କରିଛନ୍ତି।

## ନିର୍ବାଚନ-ନୂଆପଡ଼ା

**ନୂଆପଡା** ଜିଲ୍ଲାରେ ଗତକାଲି ମତଦାନ ମୋଟାମୋଟି ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । କେତୋଟି ସ୍ଥାନରେ ୨ଟି ରାଜନୈତିକ ଦଳ ଗୋଷ୍ଠୀଙ୍କ ମଧ୍ୟରେ ସାମାନ୍ୟ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ ଏହା ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧିନ ରହିଥିଲା ବୋଲି ଜଣାପଡିଛି । ସମସ୍ତ ବୁଥ୍‌ରୁ ଇଭିଏମ୍ ଆସି ଜିଲ୍ଲା ଷ୍ଟ୍ରଙ୍ଗ୍‌ରୁମ୍‌ଠାରେ ପହଞ୍ଚିଛି । ମାଓ ଅଧ୍ୟୁଷିତ ଅଞ୍ଚଳର ୩ଟି ବୁଥ୍‌ରେ ମତଦାନ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଚାଲିଥିବାରୁ ପୁଲିଂ ଦଳ ଆଜି ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡିଛି । ଏହି ବୁଥ୍‌ଗୁଡ଼ିକ ହେଉଛି- ସୁନାବେଡାର ୨୭୩ ନମ୍ବର ବୁଥ୍, ସୋସଙ୍ଗର ୨୭୦ ନମ୍ବର ବୁଥ୍ ଏବଂ ଗାତିବେଡାର ୨୭୫ ନମ୍ବର ବୁଥ୍ । ମିଳିଥିବା ସୂଚନା ଅନୁଯାୟୀ, ନୂଆପଡାରେ ପାଖାପାଖି ୭୪ ଦଶମିକ ୯/୬ ପ୍ରତିଶତ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ୨ଟି ବିଧାନସଭା ଆସନ ପାଇଁ ନିର୍ବାଚନ ରଣାଙ୍ଗନରେ ଥିବା ୧୪ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି ।

## ନିର୍ବାଚନ-ରାୟଗଡ଼ା

**ରାୟଗଡ଼ା** ଜିଲ୍ଲାର ୩ଟି ବିଧାନସଭା ଏବଂ କୋରାପୁଟ ଲୋକସଭା ଆସନ ପାଇଁ ମତଦାନ ଗତକାଲି ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ଜିଲ୍ଲାରେ ପାଖାପାଖି ୭୪ ଦଶମିକ ୪/୪ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି । ଗତ ସାଧାରଣ ନିର୍ବାଚନଠାରୁ ଏଥର ଭୋଟ ପରିମାଣ ସାମାନ୍ୟ ବୃଦ୍ଧି ପାଇଛି । ଚଳିତଥର ନିୟମଗିରିରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ ମଧ୍ୟ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି ।

## ନିର୍ବାଚନ-ମାଲକାନଗିରି

**ମାଲକାନଗିରି** ଜିଲ୍ଲାରେ ମଧ୍ୟ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ବିଭିନ୍ନ ବୁଥ୍‌ରେ ମତଦାନ ନିର୍ଦ୍ଧାରିତ ସମୟ ପରେ ମଧ୍ୟ ଜାରି ରହିଥିଲା । କଡା ସୁରକ୍ଷା ବ୍ୟବସ୍ଥା ଏବଂ ନିର୍ବାଚନ ସୁପରିଚାଳନା ଯୋଗୁଁ ପ୍ରଥମ ଥର ପାଇଁ ଜିଲ୍ଲାର ସାଧାରଣ ନିର୍ବାଚନରେ ମାଓବାଦୀଙ୍କ କାର୍ଯ୍ୟକଳାପ ନିଷ୍କ୍ରିୟ ଥିଲା ।  ବିଭିନ୍ନ ଦୁର୍ଗମ ଅଂଚଳରୁ ପୁଲିଂ ଦଳ ଆଜି ପ୍ରତ୍ୟାବର୍ତ୍ତନ କରୁଥିବା ଜଣାପଡିଛି ।

## ନିର୍ବାଚନ-ନବରଙ୍ଗପୁର

**ନବରଙ୍ଗପୁର** ଜିଲ୍ଲାରେ ମଧ୍ୟ ଗତକାଲି ଶାନ୍ତିଶୃଙ୍ଖଳାର ସହ ମତଦାନ ହୋଇଛି । ଜିଲ୍ଲାର ବିଧାନସଭା ନିର୍ବାଚନମଣ୍ଡଳୀଗୁଡ଼ିକ ମଧ୍ୟରୁ ଉମରକୋଟ୍ ଓ ଝରିଗାଁରେ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଏବଂ ନବରଙ୍ଗପୁର ଓ ଡାବୁଗାଁ ନିର୍ବାଚନମଣ୍ଡଳୀରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଗ୍ରହଣ କରାଯାଇଥିଲା । ସମସ୍ତ ୯୯୩ଟି ଯାକ ବୁଥ୍‌ରୁ ଇଭିଏମ୍ ଜିଲ୍ଲାର କାଉଣ୍ଟରକୁ ପ୍ରତ୍ୟାବର୍ତ୍ତନ କରିଛି । ତେନ୍ତୁଲିଖୁଣ୍ଟି ବ୍ଲକ୍‌ର ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟସ୍ଥ ଅଂଚଳକୁ ନିର୍ବାଚନ ପାଇଁ ଯାଇଥିବା ପୁଲିଂ ଦଳ ମଧ୍ୟ ଜିଲ୍ଲା କେନ୍ଦ୍ରରେ ଆସି ପହଞ୍ଚିସାରିଛନ୍ତି ।

## ସଚେତନତା ଅଭିଯାନ

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ କ୍ଷେତ୍ର କାର୍ଯ୍ୟାଳୟ, କେନ୍ଦୁଝର ପକ୍ଷରୁ ରାଉରକେଲାଠାରେ ଏକ ଭୋଟର ସଚେତନତା ଅଭିଯାନ ଆଜିଠାରୁ ଆରମ୍ଭ ହୋଇଛି । ମହାନଗର ନିଗମ କାର୍ଯ୍ୟାଳୟ ନିକଟସ୍ଥ ଫିଟ୍‌ନେସ୍ ପାର୍କଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ

ହୋଇଥିଲା। ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ସାଧାରଣ ଜନତା ଏଥିରେ ଯୋଗଦେଇଥିଲେ। ପାନପୋସ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଏବଂ ତହସିଲଦାର ଏଥିରେ ଯୋଗଦେଇ ନିର୍ବାଚନ ସମ୍ପର୍କିତ ତଥ୍ୟ ଉପରେ ଉପସ୍ଥିତ ଲୋକଙ୍କୁ ସୂଚନା ପ୍ରଦାନ କରିଥିଲେ। ଆସନ୍ତାକାଲି ଛେଣ୍ଡ଼ସ୍ଥିତ ଭିଏସ୍ଏସ୍ ମାର୍କେଟଠାରେ ଏକ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

## ନିଳାଦ୍ରୀ ମହୋଦୟ ନୀତି

ବୈଶାଖ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଆସନ୍ତାକାଲି ଶ୍ରୀମନ୍ଦିରରେ ନିଳାଦ୍ରୀ ମହୋଦୟ ନୀତି ଅନୁଷ୍ଠିତ ହେବ। ସକାଳ ଧୂପ ପରେ ଆଲଟଲାଗି ନୀତି କରାଯାଇ ଆଜିଠାରୁ ଅଧିବାସ ହୋଇ ରହିଥିବା ୧୦୮ ଗଡୁ ଜଳକୁ ସିଂହାସନ ନିକଟକୁ ଅଣାଯିବ। ପୂଜାପଣ୍ଡା ସେବକମାନେ ଏହି ଜଳ ଦ୍ୱାରା ମହାପ୍ରଭୁଙ୍କ ସମ୍ମୁଖରେ ଦର୍ପଣ ରଖି ମହାସ୍ନାନ ନୀତି ସମ୍ପନ୍ନ କରିବେ ବୋଲି ଜଣାପଡିଛି।

# ବନୀକରଣ-ଅର୍ଥ ମଂଜୁର

ରାଜ୍ୟରେ ୨୦୧୫-୧୬ରୁ ଚଳିତ ଆର୍ଥିକବର୍ଷ ପର୍ଯ୍ୟନ୍ତ ବନୀକରଣ ନିମନ୍ତେ ୭୫ କୋଟି ୭୮ ଲକ୍ଷ ଟଙ୍କା ମଂଜୁର କରାଯାଇଛି । କେନ୍ଦ୍ର ପରିବେଶ ଓ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ବାର୍ଷିକ ରିପୋର୍ଟ ଅନୁଯାୟୀ ୨୦ ହଜାର ୭୧୧ ହେକ୍ଟର ବନୀକରଣ ପାଇଁ ଅର୍ଥ ମଂଜୁର କରାଯାଇଥିଲା । ଅନ୍ୟପକ୍ଷରେ ଚଳିତ ଆର୍ଥିକବର୍ଷରେ ପରିବେଶ

ଶିକ୍ଷା କାର୍ଯ୍ୟକ୍ରମ ପାଇଁ ୧ କୋଟି ୭୧ ଲକ୍ଷ ଅଣଚାଳିଶ ହଜାର ଆଠଶହ ଛଅସ୍ତରୀ ଟଙ୍କା ପ୍ରଦାନ କରାଯାଇଛି ।

**********************************